**ଯାଜପୁର ଜିଲ୍ଲାରେ "ଏନ.ସି କଲେଜ ନିକଟ ସଢେଇପୋଖରୀ ଠାରୁ ବୁଦ୍ଧୀକ ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ ରାସ୍ତା ଉନ୍ନତିକରଣ" ନିମନ୍ତେ ଆବଶ୍ୟକ ବେସରକାରୀ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧେ, ତା. ୧୯.୦୮.୨୦୨୩ ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ**

ଯାଜପୁର ସହରର **"ଏନ.ସି କଲେଜ ନିକଟ ସଢେଇପୋଖରୀ ଠାରୁ ବୁଦ୍ଧୀକଣ୍ଡେଇ ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ"** ନିମନ୍ତେ ଯାଜପୁର ତହସିଲ ଅନ୍ତର୍ଗତ ମୌଜା- ଅବଦଲପୁର ଓ ବାଣପୁରରେ ପ୍ରସ୍ତାବିତ ହୋଇଥିବା ଜମିଅଧିଗ୍ରହଣ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁର ଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ତା. ୧୯.୦୮.୨୦୨୩ ରିଖ ପୂର୍ବାହ୍ନ ଘ.୧୧:୦୦ମି ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ପ୍ରକୋଷ୍ଠ ରେ ଅନୁଷ୍ଠିତ ହୋଇଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର, ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ-୨୦୧୩ (**RFCTLAR&R Act-2013**) ଓ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ (**ORFCTLAR&R Rules-2016**) ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ **ସାମାଜିକ** ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀକୁ ତର୍ଜମା କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନିତ ହୋଇଥିଲେ ।

(୧) ସହରର ଜନସଂଖ୍ୟାର ଘନତ୍ୱ ଦୃଷ୍ଟିରୁ ଉକ୍ତ ସହର ରାସ୍ତା ଗୁଡିକର ସଂପ୍ରସାରଣ ହେବାର ଆବଶ୍ୟକତା ରହିଅଛି ।

(୨) ରାସ୍ତା ଉନ୍ନତିକରଣଦ୍ୱାରା ଯାଜପୁର ଜିଲ୍ଲାରେ ଭିତ୍ତିଭୂମି ବିକାଶରେ ସହାୟକ ହେବ ଏବଂ ଏହା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନେକ ନିଯୁକ୍ତି ସୃଷ୍ଟି ହେବ ।

(୩) ସଂକୀର୍ଣ୍ଣ ରାସ୍ତା ଏକ ଜନ ବହୁଳ ସହରରେ ବହୁତ ଗୁଡିଏ ଜଟିଳ ସମସ୍ୟା କୁ ଜନ୍ମ ଦେଇଥାଏ - ଯଥା ଟ୍ରାଫିକ ସମସ୍ୟା, ଦୃଘଟଣା, ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ଓ ଜରୁରୀ କାଳୀନ ସେବାର ସଠିକ୍ ବିନିଯୋଗ ନ ହୋଇପାରିବା ଇତ୍ୟାଦି, ଏଣୁ ରାସ୍ତା ସଂପ୍ରସାରଣର ଆବଶ୍ୟକତା ରହିଅଛି ।

(୪) କ୍ଷତିଗ୍ରସ୍ତ ହେଉଥିବା ଜମିମାଲିକମାନଙ୍କର ଅଭିଯୋଗ ଗୁଡିକର ଶୁଣାଣୀ କିପରି ସଠିକ ଓ ତ୍ୱରିତ ଭାବରେ ହୋଇପାରିବ ଏଥିନେଇ ବୈଠକ ରେ ଆଲୋଚନା କରାଗଲା

(୫) ପ୍ରଭାବିତ ଜମିମାଲିକ ଓ ସେମାନଙ୍କର ପିଲାମାନେ କୌଶଳ ଏବଂ ଧନ୍ଦାମୂଳକ ତାଲିମ ଉପରେ ଗୁରୁତ୍ୱାରୋପ ହୋଇଥିଲା ଯାହା ସେମାନଙ୍କୁ କର୍ମନିଯୁକ୍ତି ରେ ସହାୟକ ହେବ ।

(୬) ଯାଜପୁର ବିକାଶର ପ୍ରଗତି ପଥେ,ଭବିଷ୍ୟତରେ ଯାଜପୁର ସହର ଏକ ପର୍ଯ୍ୟଟନ ସ୍ଥଳ ଭାବରେ ଓଡିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଅଛି । ଏଣୁ ଭବିଷ୍ୟତକୁ ଆଖି ଆଗରେ ରଖି ରାସ୍ତା ଗୁଡିକର ଉନ୍ନତି କରଣ ଓ ସଂପ୍ରସାରଣର ଅତ୍ୟନ୍ତ ଆବଶ୍ୟକତା ରହିଅଛି ।

(୭) ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ମାନଦଣ୍ଡର ବିକାଶ ପାଇଁ ଉକ୍ତ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଅଛି ।

ଯାଜପୁରର ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ କାର୍ଯ୍ୟ ପାଇଁ ସହମତି ପ୍ରକାଶ କରନ୍ତି ।

ସର୍ବଶେଷରେ ଆବାହକ-ତଥା-ଉପଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା ।

୨୧.୦୮.୨୩

ଅଧକ୍ଷ–ତଥା–ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)
ଯାଜପୁର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)
### ବିଜ୍ଞାପନ

ସଂଖ୍ୟା ୧୦୧୭୪ ତା. 07/08/2023

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ **"ଏନ.ସି କଲେଜ ନିକଟ ସଦେଇପୋଖରୀ ଠାରୁ ବୁଦ୍ଧୀକଣ୍ଢେଇ ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତିକରଣ** "ପ୍ରକଳ୍ପ, ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା.୧୯.୦୮.୨୦୨୩ରିଖରେ ପୂର୍ବାହ୍ନ ଘ.୧୧:୩୦.ରେ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ ହେବ ।

(ସ୍ୱାକ୍ଷର) ୭.୮.୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୧୦୧୭୫ ତା. 07/08/2023

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୭.୮.୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୧୦୧୭୬ ତା. 07/08/2023

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ(ସିଭିଲ)ଯାଜପୁର, ଯାଜପୁର/ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଜନ, ପାଣିକୋଇଲି/ ତହସିଲଦାର, ଯାଜପୁର/ସରପଞ୍ଚ, ବିଚିତ୍ରପୁର ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ଅବଦଲପୁର ଓ ବାଣପୁର ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା ।

(ସ୍ୱାକ୍ଷର) ୭.୮.୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ପକ ସଂଖ୍ୟା. ୧୦୯୭୮ ତା. ୦୨/୦୯/୨୦୨୩

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା/ ଯୁଗ୍ମ ଶାସନ ସଚିବ, ପୂର୍ତ୍ତ ବିଭାଗ, ଓଡିଶା , ଓଡିଶା / ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍ ସାଇଟ୍‌ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା

୦୨.୦୮.୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୧୦୯୭୯ ତା. ୦୨/୦୯/୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁର କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍ ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

୦୨.୦୮.୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର